ଶୁଣିବାରେ ସମସ୍ୟା? AudiZone Experience the sound
ଶ୍ରବଣ ଯନ୍ତ୍ର
New year Discount for Limited period
Digital Hearing AID
ଅଡିକୋନ୍ ଆସନ୍ତୁ, ଭଲ ଶୁଣନ୍ତୁ ।
Mob: 9439543332
ଶାଖା କାର୍ଯ୍ୟାଳୟ:-ବରମୁଣ୍ଡା, ଜୟଦେବ ବିହାର, ଲିଙ୍କ୍ ରୋଡ, ମଙ୍ଗଳାବାଗ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, କୋରାପୁଟ, ବାଲେଶ୍ୱର, କେନ୍ଦୁଝର, ଟାଟା ଇତ୍ୟାଦି...
AUDIZONE SPEECH & HEARING CLINIC

ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରୁ ଆୟ
୧୪।୨।୨୦୨୪
୬,୬୦,୪୩୫ ଟଙ୍କା

ଅଧ୍ୟାପକଙ୍କ Ph.D ଲାଭ

ଭୁବନେଶ୍ୱର ସ୍ଥିତ ସିଲିକନ୍ ବିଶ୍ୱବିଦ୍ୟାଳୟର Computer Science and Enginering ବିଭାଗର ସହକାରୀ ଅଧ୍ୟାପକ ଶ୍ରୀମାନ ନୟନ ରଞ୍ଜନ ପାଲ IIIT Bhubanewsarରୁ Computer Science and Engineering ରେ ସମ୍ମାନଜନକ ଡକ୍ଟରେଟ ଉପାଧି ଲାଭକରିଛନ୍ତି । ଶ୍ରୀମାନ ପାଲ IIIT Bhubanewsarର Computer Science and Engineering ବିଭାଗର ପ୍ରଫେସର ଡ. ରାକେଶ ଚନ୍ଦ୍ର ବଳବନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଙ୍କର ଗବେଷଣା ସନ୍ଦର୍ଭ 'Automatic labelling and classification of Disaster Related Social Media Text' ପ୍ରସ୍ତୁତ କରିଥିଲେ । ଉକ୍ତ ସନ୍ଦର୍ଭ ଡ. ପ୍ରସନ୍ନଜିତ୍ ମଜୁମଦାର, ପ୍ରଫେସର DAIICT Gandhi Nagar ଓ ବିଦେଶର ଖ୍ୟାତନାମା ବୈଜ୍ଞାନିକଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଅଛି । ଡ. ନୟନ ରଞ୍ଜନ ପାଲ ଯାଜପୁର ଜିଲ୍ଲା ବଡ଼ଚଣା ଥାନା ଅନ୍ତର୍ଗତ କୁନ୍ଦଳ ଗ୍ରାମ ପଞ୍ଚାୟତସ୍ଥ ଗରଗାଲି ଗ୍ରାମର ସ୍ୱର୍ଗତ ଯୋଗେଶ ଚନ୍ଦ୍ର ପାଲଙ୍କ ନାତି ତଥା ପ୍ରଶାନ୍ତ କୁମାର ପାଲ ଏବଂ ତୁଳସୀଲତା ପାଲଙ୍କ ଜ୍ୟେଷ୍ଠ ପୁତ୍ର ଓ ସାଲେପୁର ବ୍ଲକ, ପିକୋଲ ପଞ୍ଚାୟତ, ବଣହରା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ଦାସ ଓ ଦେବବନ୍ଧ୍ୟା ଦାସଙ୍କ କନିଷ୍ଠ ଜାମାତା ଅଟନ୍ତି । ଡ. ପାଲ ତାଙ୍କର ଏହି ସଫଳତା ପାଇଁ ନିଜ ଆରାଧ୍ୟ ଦେବ ଶ୍ରୀଶ୍ରୀ ବୃନ୍ଦାବନ ଚନ୍ଦ୍ର ଜୀଉ, ଆରାଧ୍ୟ ଦେବୀ ମା'ଦୁର୍ଗା, ପତ୍ନୀ ଇତିଶ୍ରୀ, ପୁତ୍ର ଧାନଦିପ୍ ଏବଂ ଭାଇ ନିହାର, ନିକୁଞ୍ଜଙ୍କ ସମେତ ସମସ୍ତ ପରିବାରବର୍ଗ, ବନ୍ଧୁବାନ୍ଧବଙ୍କୁ ଦେଉଛନ୍ତି ।

INDIAN PORT RAIL & ROPEWAY CORPORATION LTD. SAGARMALA
(A JV Company Under Ministry of Ports, Shipping & Waterways, Govt. of India)
Tender Reference Number: IPRCL/BBS/T/PPA-Rail under Bridge/150 Date: 13.02.2024
IPRCL invites e-tender for *"UP-GRADATION OF NEW ROUTE NO:-15 AND 21 (OLD ROUTE NO.7 AND 13) AT PPA EXCHANGE YARD, PARADIP"*
Tender value: INR 3.32 Crore funded by PPA (Paradip Port Authority) Bidding document will be available for downloading from 15.02.2024 to 18.03.2024.
www.etenders.gov.in/eprocure/app
Any corrigendum / addendum would be hosted on the above website only.
Sd/- CGM/P/BBS/IPRCL

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. WAT-TRD-144-22-23, ତା:09.02.2024
ସ୍ଥାନ ସହିତ କାର୍ଯ୍ୟର ନାମ : ୱାଲ୍ଟିୟର ମଣ୍ଡଳ ର KR ଲାଇନ୍ ସେକ୍ସନର ସିଙ୍ଗାପୁର ଠାରୁ ବୈଗୁଡ଼ା ପର୍ଯ୍ୟନ୍ତ 09 ଟନେଲ୍ କୁ ଆଲୋକିତ କରିବା ପାଇଁ TRD କାର୍ଯ୍ୟ ।
ଟେଣ୍ଡର ମୂଲ୍ୟ (ଟଙ୍କାରେ) : 26,54,303/-, EMD (ଟଙ୍କାରେ): ₹ 53,100/-, ଶେଷ ହେବା ଅବଧି : 6 ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.03.2024ରିଖ 1500 ଘଟିକାରେ ।
ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ୱାଲ୍ଟିୟର
PR-1087/O/23-24

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. 50-KUR-TRD-OT-2023-24
କାର୍ଯ୍ୟର ନାମ : ପଳାସା ଷ୍ଟେସନର DN ସାଇଡ୍ ଠାରେ ଉଚ୍ଚ ସ୍ତରୀୟ ପାସେଞ୍ଜର ପ୍ଲାଟଫର୍ମ ସହିତ ଅତିରିକ୍ତ ଲାଇନ୍ ର ବ୍ୟବସ୍ଥା ସମ୍ବନ୍ଧରେ OHE ରୂପାନ୍ତରଣ ଏବଂ ବିଦ୍ୟୁତୀକରଣ (Electrification) କାର୍ଯ୍ୟ ର ସମ୍ପାଦନ ।
ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : ₹ 2,99,72,468.75, EMD (ଟଙ୍କାରେ): ₹ 2,99,900/-, ଶେଷ ହେବା ଅବଧି : 180 ଦିନ ।
ବିଡ୍ ଆରମ୍ଭ ହେବା ତାରିଖ : ତା.19.02.2024ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.03.2024ରିଖ 1300 ଘଟିକାରେ ।
ଏହି ଟେଣ୍ଡରର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-1088/O/23-24

ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONJDB2024009, ତା.09.02.2024ରିଖ
କାର୍ଯ୍ୟର ନାମ: ଜଗଦଳପୁର-କୋରାପୁଟ ଦୋହରୀକରଣ ପ୍ରକଳ୍ପ-ପୂର୍ବ ତଟ ରେଳପଥର ୱାଲ୍ଟିୟର ମଣ୍ଡଳର KK ଲାଇନ୍‌ରେ ଜରାତି(JRT)-ମାଲିଗୁଡ଼ା (MVG) ଷ୍ଟେସନ ମଧ୍ୟରେ P.Way ଲିଙ୍କିଙ୍ଗ୍ କାର୍ଯ୍ୟଗୁଡ଼ିକର ସମ୍ପାଦନ ଏବଂ ଗ୍ରାବ୍ ବାଲାଷ୍ଟର ଯୋଗାଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 1019.67 ଲକ୍ଷ, EMD (₹): 6,59,800/-, କାର୍ଯ୍ୟ ଶେଷ ହେବା ଅବଧି : 15(ପନ୍ଦର)ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.13.03.2024 ରିଖ 1200 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଘଟର୍ଡ଼ି ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପ୍ପର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-124/CG/23-24

ଅଶ୍ୱିନୀଙ୍କ ପ୍ରାର୍ଥିତ୍ୱକୁ ନେଇ ତେଜିଲା ରାଜନୀତି

- ବିଜେଡି-ବିଜେପିକୁ କଂଗ୍ରେସର ସମାଲୋଚନା
- ବୈବାହିକ ମେଣ୍ଟ ଚତୁରତାର ସହ ଆଗକୁ ବଢୁଛି: ଅଜୟ କୁମାର
- ଓଡ଼ିଶାର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସମର୍ଥନ: ବିଜେଡି
- କଂଗ୍ରେସ ପ୍ରମାଣପତ୍ରରେ ବିଜେପି ତିଆରି ହୋଇନି: ମନମୋହନ

ଭୁବନେଶ୍ୱର, ୧୪।୨(ନି.ପ୍ର): ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପୁଣିଥରେ ଓଡ଼ିଶାରେ ବିଜେପିର ରାଜ୍ୟସଭା ପ୍ରାର୍ଥୀ ହେବା ଏବଂ ବିଜେଡି ସମର୍ଥନ ଘୋଷଣା କରିବାକୁ ନେଇ ଜୋର ଧରିଛି ରାଜନୀତି । ୨୦୧୯ ଭଳି ୨୦୨୪ରେ ବି ବିଜେପିର ପ୍ରାର୍ଥୀଙ୍କୁ ବିଜେଡି ସମର୍ଥନ ଘୋଷଣା କରିବା ପରେ ଉଭୟ ଦଳ ଭିତରେ ଥିବା ସମ୍ପର୍କକୁ ନେଇ ଉଠିଛି ପ୍ରଶ୍ନ । କଂଗ୍ରେସ ଉଭୟ ବିଜେଡି ଓ ବିଜେପିକୁ କଟାକ୍ଷ କରିଥିବାବେଳେ ବିଜେଡି ଓ ବିଜେପି ମାପିଚୁପି ମନ୍ତବ୍ୟ ରଖିଛନ୍ତି ।

କଂଗ୍ରେସ ପ୍ରଭାରୀ ଡ. ଅଜୟ କୁମାର ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ, ବିଜେପିକୁ ପ୍ରତ୍ୟେକ କ୍ଷେତ୍ରରେ ବିଜେଡି ସମର୍ଥନ କରି ଆସୁଛି । ଉଭୟଙ୍କ ବୈବାହିକ ମେଣ୍ଟ ଅତି ଚତୁରତାର ସହ ଆଗକୁ ବଢ଼ି ଚାଲିଛି । ଓଡ଼ିଶାବାସୀ ଜାଣୁଛନ୍ତି ରାଜ୍ୟରେ ବଡ଼ ବଡ଼ ଦୁର୍ନୀତି ସତ୍ତ୍ୱେ ସିବିଆଇ ଏବଂ ଇଡି ଚଢ଼ଉ କରୁନାହାଁ । ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ବିଜେଡି ସହ ବିଜେପିର ଗୁପ୍ତ ସମ୍ପର୍କ ରହିଛି । ପୂର୍ବରୁ କଂଗ୍ରେସ, ବିଜେଡି ଓ ବିଜେପିକୁ ବିବାହ କରାଇଥିବା ବେଳେ ଅଶ୍ୱିନୀ ବୈଷ୍ଣବଙ୍କୁ ସମର୍ଥନ ଦେବା ଘଟଣା ଏହା ପୁଣି ପ୍ରମାଣିତ କରିଛି । ରାଜ୍ୟରୁ ଖଣିଖାଦାନ ଲୁଟିବା ପାଇଁ ବିଜେପି ଓ ବିଜେଡି ମଧ୍ୟରେ ଗୁପ୍ତ ବୁଝାମଣା ହୋଇଛି । ରାଜ୍ୟବାସୀ ବିଜେଡିକୁ ବହୁମତ ଦେଇଥିଲେ; କିନ୍ତୁ ବିଜେଡି ରାଜ୍ୟବାସୀଙ୍କ ସ୍ୱାଭିମାନକୁ ନଦେଖି ବିଜେପିକୁ ସମର୍ଥନ ଦେବା ଦ୍ୱାରା ଓଡ଼ିଶାର ସ୍ୱାଭିମାନ ଓ ଅସ୍ମିତା କ୍ଷୁଣ୍ଣ ହୋଇଛି । ରାଜ୍ୟରେ ଏବେ କଂଗ୍ରେସ ଶକ୍ତିଶାଳୀ ହୋଇ ବାହାରୁଛି । କଂଗ୍ରେସ ଏକମାତ୍ର ଦଳ ବିଜେପି ଓ ବିଜେଡି ସହିତ ଲଢ଼େଇ କରୁଛି । ବିଜେପି ଯାହା କହିବ ବିଜେଡି ତାହା କରୁଛି । ଓଡ଼ିଶାବାସୀଙ୍କୁ ଯେଉଁ ଧୋକ୍କା ଦିଆଯାଇଛି ତାକୁ କେବେ ହେଲେ ସେମାନେ ବରଦାସ୍ତ କରିବେ ନାହିଁ । ବିଜେପି ଓ ବିଜେଡି ମଧ୍ୟରେ ବିବାହ ପରେ ଏବେ ଜଣେ ପୌଷ୍ୟପୁତ୍ର ପହଞ୍ଚି ଗଲେଣି । ୨୦୨୪ରେ ଓଡ଼ିଶାବାସୀ ବିଜେପି ଓ ବିଜେଡିକୁ ଜବାବ ଦେବେ ଏବଂ ବହୁମତ ସାବ୍ୟସ୍ତ କରି କଂଗ୍ରେସ ରାଜ୍ୟରେ ସରକାର ଗଠନ କରିବ ବୋଲି ସେ କହିଛନ୍ତି । ବିଜେଡିର ରାଜ୍ୟସଭା ସାଂସଦ ମୁନ୍ନା ଖାଁ କହିଛନ୍ତି ଯେ, ଓଡ଼ିଶାର ବୃହତ୍ତର ସ୍ୱାର୍ଥ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଶ୍ୱିନୀଙ୍କ ରାଜ୍ୟସଭା ପ୍ରାର୍ଥିତ୍ୱକୁ ସମର୍ଥନ ଦେଇଛନ୍ତି । ରେଳ, ଦୂର ସଞ୍ଚାର କ୍ଷେତ୍ରରେ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଏହି ସମର୍ଥନ ଜଣାଇଛନ୍ତି । ଅଶ୍ୱିନୀ ପୂର୍ବରୁ ବିଜେଡି ସମର୍ଥନରେ ଓଡ଼ିଶାରୁ ରାଜ୍ୟସଭାକୁ ଯାଇ କେନ୍ଦ୍ରରେ ରେଳ, ଯୋଗାଯୋଗ ଏବଂ ବୈଦ୍ୟୁତିକ ଓ ପ୍ରଯୁକ୍ତି ମନ୍ତ୍ରୀ ହୋଇଛନ୍ତି । ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି ଯେ, କଂଗ୍ରେସର ପ୍ରମାଣପତ୍ରରେ ବିଜେପି ତିଆରି ହୋଇନି । ଆମେ କାହାକୁ ସମର୍ଥନ ମାଗିନାହୁଁ । ଆମ ପାଖରେ ପ୍ରସ୍ତାବକ ଥିବାରୁ ପ୍ରାର୍ଥୀ ଦେଉଛୁ । କାହିଁକି ସମର୍ଥନ ଦେଇଛନ୍ତି ତାହା ସେମାନେ କହିପାରିବେ । ଯଦି କାହାର ପ୍ରାର୍ଥୀ ଦେବାର ଅଛି ତେବେ ଗୁରୁବାର ନାମାଙ୍କନପତ୍ର ଦାଖଲ କରନ୍ତୁ । କାହାରିକୁ ମନା କରିବାର ନାହିଁ । ସାଧାରଣ ନିର୍ବାଚନ-୨୦୨୪ରେ ବିଜେଡି ଓ ବିଜେପି ମଧ୍ୟରେ ମେଣ୍ଟ ହେବ ନାହିଁ । ବିଜେପି ଏକାକୀ ନିର୍ବାଚନ ଲଢ଼ିବ ଏବଂ ଜିତି ସରକାର ଗଠନ କରିବ ବୋଲି ଶ୍ରୀ ସାମଲ କହିଛନ୍ତି ।

କଥା କଥାରେ
- ଶିଳ୍ପୀ ଅଶୋକ

ଭତ୍ତା ବଢ଼ିଗଲା ବିଜୁଳି କମିଲା
ବାହାବା ନେଉଛି ସର୍କାର,
ପୁରୁଷ ମହିଳା ବୁଢ଼ା ବୁଢ଼ୀ ଆଉ
ଛାତ୍ରଛାତ୍ରୀ ସବୁ ବିଭୋର ।
ବିରୋଧୀ ଦଳର ଶିବିର,
ସ୍ତର ବାଇ ସ୍ତର ନଜର ରଖିକି
ଇସ୍ୟୁ ଖୋଜି ଖୋଜି ଅଧୀର ।

ସୂର୍ଯ୍ୟ ମନ୍ଦିରରେ ଦୁଇ ଦିନ ପ୍ରବେଶ ଶୁଳ୍କ ଛାଡ଼

କୋଣାର୍କ, ୧୪।୨(ନି.ପ୍ର): ଚନ୍ଦ୍ରଭାଗାରେ ପ୍ରସିଦ୍ଧ ମାଘମେଳାରେ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ସାଧୁସନ୍ଥ ଯୋଗଦେବେ । ଏହାକୁ ଲକ୍ଷ୍ୟ ରଖି ସୂର୍ଯ୍ୟ ମନ୍ଦିରରେ ଷଷ୍ଠୀ ଓ ସପ୍ତମୀ ଦୁଇଦିନ ପ୍ରବେଶ ଶୁଳ୍କ ଛାଡ଼ କରାଯିବ ବୋଲି ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ) ପକ୍ଷରୁ ସୂଚନା ମିଳିଛି ।

ହାତ ଛାଡ଼ିଲେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି

ଭୁବନେଶ୍ୱର, ୧୪।୨(ନି.ପ୍ର): ନିର୍ବାଚନ ପୂର୍ବରୁ କଂଗ୍ରେସକୁ ଲାଗିଛି ବଡ଼ ଝଟକା । ଜଣଙ୍କ ପରେ ଜଣେ ଟାଣୁଆ ନେତା ହାତ ଛାଡ଼ି ବିରୋଧୀ ଶିବିରକୁ ଡେଉଁଛନ୍ତି । ଆଜି କେନ୍ଦ୍ରାପଡ଼ା ଜିଲାର ଟାଣୁଆ ନେତା ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ତିନିଦିନ ତଳେ ବରଗଡ ଜିଲାର ପୂର୍ବତନ କଂଗ୍ରେସ ସଭାପତି ନିହାର ମହାନନ୍ଦ ଦଳରୁ ଇସ୍ତଫା ଦେଇଥିଲେ । ଉଭୟ ନେତା ଦଳ ଉପରେ ଅସନ୍ତୋଷ ଝାଡ଼ି ଇସ୍ତଫାପତ୍ର ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ନିକଟକୁ ପଠାଇଛନ୍ତି । ରାଜ୍ୟରେ କଂଗ୍ରେସ ସଶକ୍ତ ହେଉଥିବା ରାଜ୍ୟସ୍ତରୀୟ ନେତାମାନେ କହୁଥିବାବେଳେ ଜଣଙ୍କ ପରେ ଜଣେ କର୍ମକର୍ତ୍ତା ଦଳ ଛାଡ଼ିବା ଘଟଣା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଏହି ଦୁଇ ନେତାଙ୍କ ଇସ୍ତଫାକୁ ନେଇ ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଆଗକୁ ଆହୁରି ଦଳ ଛାଡ଼ିବେ । ଯେଉଁମାନେ ବିଜେଡି ଏବଂ ବିଜେପି ସହ ସମ୍ପର୍କରେ ରହିଛନ୍ତି ସେମାନେ ଦଳ ଛାଡୁଛନ୍ତି । ଏ କଥା କଂଗ୍ରେସକୁ ପୂର୍ବରୁ ଜଣାଥିଲା । ସେମାନେ ଦଳ ଛାଡ଼ିଲେ ନୂଆ ମୁହଁକୁ ସୁଯୋଗ ଦିଆଯିବ । ବିଜେପି ଓ ବିଜେଡିର କିଛି ନେତା ପୂର୍ବରୁ କଂଗ୍ରେସରେ ସାମିଲ ହୋଇଛନ୍ତି । ଅଂଶୁମାନ ଏବଂ ନିହାର ଦଳ ଛାଡ଼ିବା ଦ୍ୱାରା ସାଧାରଣ ନିର୍ବାଚନ-୨୦୨୪ରେ ଦଳ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ଶ୍ରୀ ପଟ୍ଟନାୟକ ଗଣମାଧ୍ୟମକୁ କହିଛନ୍ତି । ଅଂଶୁମାନ କେଉଁ ଦଳରେ ସାମିଲ ହେବେ ସେ ନେଇ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି । ସେହିପରି ନିହାର ମହାନନ୍ଦ ହେଉଛନ୍ତି ବରଗଡ ଜିଲାର ଜଣେ ଟାଣୁଆ କଂଗ୍ରେସ ନେତା । ଦଳରେ ଉପେକ୍ଷା କରାଯାଉଥିବା ଅଭିଯୋଗ ଆଣି ସେ ଇସ୍ତଫା ଦେଇଥିଲେ ।

ଲୋକନାଥ ମହାରଥୀ କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ସଭାପତି

ଭୁବନେଶ୍ୱର,୧୪।୨(ନି.ପ୍ର): ପୂର୍ବତନ ରାଜ୍ୟ ଯୁବ କଂଗ୍ରେସ ସଭାପତି ଲୋକନାଥ ମହାରଥୀଙ୍କୁ କେନ୍ଦ୍ରାପଡା ଜିଲା କଂଗ୍ରେସର ଅସ୍ଥାୟୀ ସଭାପତି ଭାବେ ବୁଧବାର ନିଯୁକ୍ତି ଦିଆଯାଇଛି । ଏଆଇସିସି ଅନୁମୋଦନକ୍ରମେ ପିସିସି ସଭାପତି ଶରତ ପଟ୍ଟନାୟକ ଶ୍ରୀ ମହାରଥୀଙ୍କୁ ଏହି ନୂଆ ନିଯୁକ୍ତି ଦେଇଛନ୍ତି । ସେ ୨୦୧୬ରୁ ୨୦୨୦ମଧ୍ୟରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ଭାବେ କାମ କରିଥିଲେ । ପୂର୍ବରୁ ଛାତ୍ର କଂଗ୍ରେସ ଉପ-ସଭାପତି, ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଯୁବ କଂଗ୍ରେସ ସଭାପତି ସହ ଦଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିଲେ । ଶ୍ରୀ ମହାରଥୀ କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକର ଗହ୍ମା ଗ୍ରାମର ବାସିନ୍ଦା । ନୂଆ ନିଯୁକ୍ତିକୁ ନେଇ ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କୁ ସେ କୃତଜ୍ଞତା ଜଣାଇଥିବା ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ପ୍ରଭାରୀ ଅଜୟ କୁମାର, ଶାହାନାବାଜ ଚୌଧୁରୀ, ଖ୍ରୀଷ୍ଟଫର ତିଲକଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଆଗାମୀ ଦିନରେ କେନ୍ଦ୍ରାପଡା ଜିଲାରେ କଂଗ୍ରେସ ସଙ୍ଗଠନକୁ ସୁଦୃଢ଼ କରିବା ସହ ସମସ୍ତ ବିଧାନସଭା ଓ ସଂସଦୀୟ କ୍ଷେତ୍ରରେ କଂଗ୍ରେସ କିଭଳି ବିଜୟୀ ହେବ ସେ ଦିଗରେ କାମ କରିବେ ବୋଲି ଶ୍ରୀ ମହାରଥୀ କହିଛନ୍ତି ।

କଂଗ୍ରେସ ସାମାଜିକ ଗଣମାଧ୍ୟମ ପାଇଁ ଜିଲା ଅଧ୍ୟକ୍ଷଙ୍କ ନିଯୁକ୍ତି

ଭୁବନେଶ୍ୱର, ୧୪।୨(ନି.ପ୍ର): ପ୍ରଦେଶ କଂଗ୍ରେସର ସାମାଜିକ ଗଣମାଧ୍ୟମ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲା ପାଇଁ ଅଧ୍ୟକ୍ଷ ଓ ସଂଯୋଜକଙ୍କ ନାମ ଘୋଷିତ ହୋଇ ସାରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୫ଟି ଜିଲା ପାଇଁ ଅଧ୍ୟକ୍ଷଙ୍କ ନାମ ବୁଧବାର ଘୋଷଣା କରାଯାଇଛି । ଦେବଗଡ଼ ଜିଲା ପାଇଁ ଶ୍ରୀତମ କୁମାର ସାହୁ, ନବରଙ୍ଗପୁର ପାଇଁ ବିକାଶ ରାଓ, ସୁବର୍ଣ୍ଣପୁର ପାଇଁ ଉମେଶ ଚନ୍ଦ୍ର ପ୍ରଧାନ, କୋରାପୁଟ ପାଇଁ ଜ୍ୟୋତିରଞ୍ଜନ ମହାପାତ୍ର ଏବଂ ଗଜପତି ପାଇଁ ସୁବ୍ରତ କୁମାର ବିଶୋଇଙ୍କୁ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି । ଶ୍ରୀୟାସ୍ମିତା ପଣ୍ଡାଙ୍କୁ ଭୁବନେଶ୍ୱର ଲୋକସଭା ସାମାଜିକ ଗଣମାଧ୍ୟମ ସଂଯୋଜିକା ଭାବେ ନିଯୁକ୍ତି ଦିଆଯାଇଛି ବୋଲି ପ୍ରଦେଶ କଂଗ୍ରେସ ସାମାଜିକ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅମିୟ ପାଣ୍ଡବ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ।

ରଥକାଠ ଅନୁକୂଳ

ପୁରୀ, ୧୪।୨ (ନି.ପ୍ର): ଶ୍ରୀପଞ୍ଚମୀ ତିଥିରେ ବୁଧବାର ରଥକାଠ ଅନୁକୂଳ କରାଯାଇଛି । ପରମ୍ପରା ଅନୁଯାୟୀ ତିନିଟି ୧୨ଫୁଟିଆ ଧଉରା କାଠ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ବଡ଼ଦାଣ୍ଡରେ ରଖାଯାଇଥିଲା । ଦେଉଳ ପୁରୋହିତ ଏବଂ ସ୍ୱତ୍ରୀୟ ବ୍ରାହ୍ମଣମାନେ କାଠଗୁଡ଼ିକୁ ପଞ୍ଚାମୃତରେ ଶୁଦ୍ଧ କରାଇଥିଲେ । ଏହାପରେ ବାଗ୍‌ଦେବୀ ସରସ୍ୱତୀଙ୍କୁ ଆବାହନ କରାଯାଇଥିଲା । ତିନୋଟି କାଠରେ ଫୁଲମାଳ, ଚନ୍ଦନ ଏବଂ ମହାପ୍ରସାଦ ଦେଇ ପୂଜାର୍ଚ୍ଚନା କରାଯାଇଥିଲା । ଶ୍ରୀମନ୍ଦିର ଅତିରିକ୍ତ ମୁଖ୍ୟ ପ୍ରଶାସକ ସମର୍ଥ ବର୍ମା, ଜିଲାପାଳ ବିଜୟ କୁମାର ଦାଶ, ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ର, ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଜ୍ୟୋତିଶଙ୍କର ମହାପାତ୍ର, ପ୍ରଦୀପ କୁମାର ସାହୁ ଏବଂ ଭବତାରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଜୁଲାଇ ୭ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ । ଅକ୍ଷୟ ତୃତୀୟା ତିଥିରେ ତିନିରଥ ନିର୍ମାଣ ଆରମ୍ଭ କରାଯିବ । ଏଥିପାଇଁ ୮୬୫ ଖଣ୍ଡ ଅସନ, ଧଉରା ଏବଂ ଫାଶୀ କାଠର ଆବଶ୍ୟକତା ରହିଛି । ଗତବର୍ଷରୁ ବ୍ୟବହାର ନହୋଇ ୫୩ଖଣ୍ଡ କାଠ ବଳକା ରହିଛି । ଆଉ ୮୧୨ ଖଣ୍ଡ କାଠ ଯୋଗାଇବାକୁ ଜଙ୍ଗଲ ଓ ପରିବେଶ ବିଭାଗକୁ ଅନୁରୋଧ କରାଯାଇଛି । ଚଳିତବର୍ଷ ଏପର୍ଯ୍ୟନ୍ତ ୧୦୪ ଖଣ୍ଡ ଅସନ ଓ ଧଉରା କାଠ ପୁରୀରେ ଆସି ପହଞ୍ଚିଛି ।

ଟ୍ରାକ୍ଟର ଚଢ଼ାଇ ଯୁବକଙ୍କୁ ହତ୍ୟା ଅଭିଯୋଗ

ଅଡାଳ ଗାଁରେ ଉତ୍ତେଜନା, ପୁଲିସ ମୁତୟନ

ଗୁରୁଡ଼ିଝାଟିଆ, ୧୪।୨ (ନି.ପ୍ର.): ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଅଡାଳ ଗାଁରେ ଶତ୍ରୁତାରୁ ଟ୍ରାକ୍ଟର ଚଢ଼ାଇ ସୁଶାନ୍ତ ରଣା ନାମକ ଜଣେ ଯୁବକଙ୍କୁ ମାରି ଦିଆଯାଇଥିବା ଅଭିଯୋଗ ହୋଇଛି । ବୁଧବାର ସନ୍ଧ୍ୟାରେ ସୁଶାନ୍ତ ଗାଁମୁଣ୍ଡରେ ଛିଡ଼ା ହୋଇଥିବା ବେଳେ ଏକ ଟ୍ରାକ୍ଟରରେ ୩ରୁ ୪ଜଣ ଆସି ହଠାତ୍ ସୁଶାନ୍ତଙ୍କୁ ଧକ୍କା ଦେଇଥିଲେ । ଭୟଭୀତ ହୋଇ ସୁଶାନ୍ତ ସେଠାରୁ ଦୌଡ଼ି ପଳାଇ ଯିବାକୁ ଉଦ୍ୟମ କରିଥିଲେ । ସୁଶାନ୍ତଙ୍କୁ ଗୋଡ଼ାଇ ଗୋଡ଼ାଇ ସେମାନେ ଟ୍ରାକ୍ଟରରେ ଆଘାତ ଦେଇଥିଲେ । ଗୁରୁତର ଅବସ୍ଥାରେ ସୁଶାନ୍ତଙ୍କୁ ଢେଙ୍କାନାଳ ହସ୍ପିଟାଲ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ଘଟଣା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି । ଚୌଦ୍ୱାର ଏସଡିପିଓ ଉମାକାନ୍ତ ନାୟକ, ଖୁଣ୍ଟୁଣୀ ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ, ଉପନିରୀକ୍ଷକ ଡଃ ବିକାଶ ଚନ୍ଦ୍ର ସେଠୀ ସଦଳବଳ ଗ୍ରାମରେ ଉପସ୍ଥିତ ରହିଛନ୍ତି । ଅଭିଯୁକ୍ତମାନେ ଫେରାର ଥିବାବେଳେ ପୁଲିସ ଟ୍ରାକ୍ଟରକୁ ଜବତ କରିଛି । ରିପୋର୍ଟ ଲେଖାହେବା ବେଳକୁ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହୋଇନଥିଲା ।

ଆଜି ନାମାଙ୍କନ ଦାଖଲ କରିବେ ଅଶ୍ୱିନୀ

ଭୁବନେଶ୍ୱର, ୧୪।୨ (ନି.ପ୍ର.): ରାଜ୍ୟସଭା ପାଇଁ ଗୁରୁବାର କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନାମାଙ୍କନ ପତ୍ର ଦାଖଲ କରିବେ । ଏଥିପାଇଁ ବୁଧବାର ବିଜେପି ରାଜ୍ୟ କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶ୍ରୀ ବୈଷ୍ଣବ କହିଛନ୍ତି ଯେ, ଦଳ ଯାହା ନିଷ୍ପତ୍ତି ନେବ ତାହା ଆମକୁ ମାନିବାକୁ ପଡ଼ିବ । ମୁଁ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତି ଥିଲି । ମାତ୍ର ଦଳର ନିଷ୍ପତ୍ତି କ୍ରମେ ରାଜ୍ୟସଭାକୁ ଯିବା ପାଇଁ ପ୍ରସ୍ତୁତ ଅଛି ।

ଆସନ୍ତାକାଲି ରାଜ୍ୟସଭା ନିର୍ବାଚନ ନାମାଙ୍କନ ଦାଖଲର ଶେଷ ଦିନ । ପୂର୍ବାହ୍ନ ପ୍ରାୟ ୧୦.୩୦ରେ ଶ୍ରୀ ବୈଷ୍ଣବ ବିଜେପି ବିଧାୟକ ଏବଂ ବରିଷ୍ଠ ନେତାଙ୍କ ଗହଣରେ ବିଧାନସଭାରେ ରିଟର୍ଣ୍ଣିଂ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନ ଦାଖଲ କରିବେ । ଦଳର ବରିଷ୍ଠ ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଶ୍ରୀ ବୈଷ୍ଣବଙ୍କ ପ୍ରସ୍ତାବକ ହେବେ ବୋଲି ପ୍ରାଥମିକ ଭାବେ ଜଣାପଡ଼ିଛି । ଏହି ଅନୁସାରେ ଶ୍ରୀ ବୈଷ୍ଣବ ଦୁଇ କିତା ନାମାଙ୍କନ ପତ୍ର ଦାଖଲ କରିବେ । ଆସନ୍ତାକାଲି ବିଧାନସଭାରେ ବିଜେପିର ସମସ୍ତ ବିଧାୟକ ଉପସ୍ଥିତ ରହିବାକୁ ଦଳପକ୍ଷରୁ ହ୍ୱିପ ଜାରି ହୋଇଛି ।

ପ୍ରଦୀପଙ୍କୁ ଭେଟିଲେ ମନମୋହନ

ଜୋର ଧରିଲା ବିଜେପିରେ ମିଶିବା ଚର୍ଚ୍ଚା

ଭୁବନେଶ୍ୱର,୧୪।୨(ଭୁ.ପ୍ର): ବିଜେଡିରୁ ବହିଷ୍କୃତ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ବିଜେପିରେ ମିଶିପାରନ୍ତି । ଶ୍ରୀ ପାଣିଗ୍ରାହୀଙ୍କୁ ତାଙ୍କ ସରକାରୀ ବାସଭବନରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଭେଟିବା ପରେ ଏନେଇ ଚର୍ଚ୍ଚା ଜୋର ଧରିଛି । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେପି ଓଡ଼ିଶାରୁ ରାଜ୍ୟସଭା ପ୍ରାର୍ଥୀ ଭାବେ ଘୋଷଣା କରିବା ପରେ ସମର୍ଥନ ଯୋଗାଡ଼ ପାଇଁ ପ୍ରଦୀପଙ୍କୁ ମନମୋହନ ଭେଟିଥିବା ମଧ୍ୟ ଆଲୋଚନା ହେଉଛି । ଏହି ଭେଟ୍‌ଘାଟ ନେଇ ବିଧାୟକ ଶ୍ରୀ ପାଣିଗ୍ରାହୀ କହିଛନ୍ତି ଯେ, ଆଗାମୀ ୧୦-୧୨ ଦିନରେ ସବୁକିଛି ସ୍ପଷ୍ଟ ହୋଇଯିବ ।

MCL ମହାନଦୀ କୋଲ୍‌ଫିଲ୍‌ଡସ୍ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in
ବିଜ୍ଞପ୍ତି
"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in କରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।"
R-5193

ପୁତ୍ରକୁ ବଳି ଉଦ୍ୟମ ଅଭିଯୋଗ, ଦମ୍ପତି ଅଟକ

କପ୍ତିପଦା, ୧୪।୨(ସ.ପ୍ର): ନିଜର ଜନ୍ମିତ ପୁଅକୁ ବଳି ଦେବା ପାଇଁ ଉଦ୍ୟମ କରୁଥିବାବେଳେ କୌଶଳ କ୍ରମେ ପୁଅ ଖସିଆସି ବାପାମାଆଙ୍କ ଗୁମର ଖୋଲିଥିବା ଭଳି ଏକ ସ୍ପର୍ଶକାତର ଅଭିଯୋଗ ଆସିଛି । ତେବେ ଗ୍ରାମବାସୀଙ୍କ ସାମ୍ନାରେ ନାବାଳକଟି କହୁଥିବା କଥା ସତ୍ୟ, ନା କପୋଳକଳ୍ପିତ ତାହାର ତଦନ୍ତ କରାଯାଉଛି । ପ୍ରାଥମିକ ଭାବେ ଏଭଳି ଅଭିଯୋଗକୁ ପୁଲିସ ସଂପୂର୍ଣ୍ଣ ଅସ୍ୱୀକାର କରିଛି । ଏହିଭଳି ଏକ ଘଟଣା ଦେଖିବାକୁ ମିଳିଛି, ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ନୁଦଡ଼ିହା ପଞ୍ଚାୟତରେ ।



ନିଶାରେ ଛେଦ ପକାଇବା କହିଥିଲା ବାପା: ପୁଲିସ

ନାବାଳକ ପୁଅର କହିବାନୁଯାୟୀ, ଗତକାଲି ଉଦଳା ଥାନା ଛୋଟରାଏପୁର ଅଞ୍ଚଳର ସିଦ୍ଧ ମାରାଣ୍ଡି ଦମ୍ପତି ନିଜ ୭ବର୍ଷର ପୁଅକୁ ମାମୁ ଘରକୁ ବୁଲାଇନେବେ କହି କପ୍ତିପଦା ଥାନା ନୁଦଡ଼ିହାକୁ ନେଇଥିଲେ । ବାଟରେ କୁକୁନ୍ଦହୁଡ଼ି ନିକଟରେ ତାକୁ ବଳି ଦେବା ପାଇଁ ବାପାମାଆ ଉଦ୍ୟମ କରୁଥିବାବେଳେ ପିଲାଟି ସେଠାରୁ ଦୌଡ଼ି ପଳାଇ ଆସି ପାଖରେ ଥିବା ଗ୍ରାମ ନୁଦଡ଼ିହା ଅଞ୍ଚଳରେ ପହଞ୍ଚିଥିଲା । ତେବେ ରାତ୍ରି ୧୦ଟା ସମୟରେ ଛୋଟ ପିଲାକୁ ଦେଖି ସ୍ଥାନୀୟ ଯୁବକମାନେ ପିଲାକୁ କୁଆଡ଼େ ଯାଉଛୁ ବୋଲି ପଚାରିବାରୁ ପିଲାଟି ଘଟଣା ସଂପର୍କରେ କହିଥିଲା । ସ୍ଥାନୀୟ ଯୁବକମାନେ ତା'ର ବାପାମାଆଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ । ଘଟଣା ସଂପର୍କରେ ପୁଲିସ ଜାଣିବା ପରେ ଦମ୍ପତିଙ୍କୁ ଫାଣ୍ଡିରେ ଅଟକ ରଖିଥିଲା । ପୋଲିସ୍ ତାଙ୍କ ପ୍ରତିକ୍ରିୟାରେ କହିଛି ଗତକାଲି ସନ୍ଧ୍ୟାରେ ସିଦ୍ଧ ଓ ସ୍ତ୍ରୀ ତାଙ୍କ ପୁଅକୁ ଧରି ହାଣ୍ଡିଫୁଟାସ୍ଥିତ ତା'ର ଭଉଣୀ ଘରକୁ ଯାଉଥିଲା । ବାଟରେ ସର୍ବଣା ହାଟପଡ଼ିଆରେ ମାଛ ପୋଡ଼ି ଖାଇବା ସହିତ ନିଶା ପିଇ କୁକୁନ୍ଦହୁଡ଼ି ରାସ୍ତା ଦେଇ ଯାଉଥିଲା । ମାତ୍ର ଅତ୍ୟଧିକ ନିଶାହେବାରୁ ଉଭୟ ଦମ୍ପତି କୁକୁନ୍ଦହୁଡ଼ି ନିକଟରେ ଥିବା ଏକ କୁଟାପୁଞ୍ଜିରେ ଶୋଇପଡ଼ିଥିଲେ । ପୁଅ ବାପାମାଆଙ୍କୁ ପଳାଇ ଚାଲ ବୋଲି କହିବାରୁ ବାପା ନିଶାରେ ତୋତେ ଛେଦ ପକାଇବି ବୋଲି କହିବାରୁ ପୁଅଟି ସେଠାରୁ ଖସି ଯାଇଥିଲା । ତେବେ ନାବାଳକଟିର ବାପାମାଆଙ୍କ ସଂପର୍କରେ ଏଭଳି ମନ୍ତବ୍ୟ ସମସ୍ତଙ୍କୁ ବିସ୍ମିତ କରିଛି । ତେବେ ଘଟଣାର ଅଧିକ ତଦନ୍ତ ହେଲେ ପ୍ରକୃତ ସତ୍ୟ ଜଣାପଡ଼ିବ ।

ବାଲେଶ୍ୱର ସହରରେ ୪ ଦିନର ପିଲା ବିକ୍ରି ଅଭିଯୋଗ

ବାଲେଶ୍ୱର, ୧୪।୨(ସପ୍ର): ଶିକ୍ଷିତ, ସଂସ୍କୃତି ସମ୍ପନ୍ନ ସହର ବାଲେଶ୍ୱରରେ ନବଜାତକ ଶିଶୁପୁତ୍ର ବିକ୍ରି ଅଭିଯୋଗ ଆସିଛି । ପୌର ପରିଷଦର ୧୫ ନମ୍ବର ୱାର୍ଡରେ ଏଭଳି କଳଙ୍କିତ ଘଟଣା ଘଟିଥିବା ବେଳେ ଏଥିପାଇଁ ୩ ଲକ୍ଷ ଟଙ୍କା କାରବାର ହୋଇଥିବା ଚର୍ଚ୍ଚା ହେଉଛି । ତେବେ ଘଟଣା ଜଣାପଡ଼ିବା ପରେ ପୁଲିସ ପହଞ୍ଚି ଉଭୟ ମାଆଙ୍କୁ ଥାନାକୁ ଆଣି ପଚରା ଉଚରା କରିଥିଲା । ତେବେ ଘଟଣାର ସମାଧାନ ପାଇଁ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଶିଶୁକୁ ହସ୍ତାନ୍ତର କରାଯାଇଥିବା ସହଦେବଖୁଣ୍ଟା ଥାନାଧିକାରୀ ପ୍ରଜ୍ଞା ମହାନ୍ତି ସୂଚନା ଦେଇଛନ୍ତି ।

ପୁଲିସ ସୂଚନା ଅନୁଯାୟୀ, ୧୫ ନମ୍ବର ୱାର୍ଡରେ ଜଣେ ମହିଳାଙ୍କର ରବିବାର ରାତିରେ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା । ମହିଳାଙ୍କର ପୂର୍ବରୁ ୨୦ ବର୍ଷର ଝିଅ ଓ ୧୮ ବର୍ଷର ପୁଅ ରହିଛନ୍ତି । ପିଲା ବିକ୍ରି ପାଇଁ ଯୋଜନା କରି ମହିଳା ଜଣକ ଗର୍ଭବତୀ ହୋଇଥିବା କୁହାଯାଉଛି । କାରଣ ଗର୍ଭଧାରଣ ଠାରୁ ପିଲା ଜନ୍ମ ପର୍ଯ୍ୟନ୍ତ କୌଣସି ଠାରେ ସେ ପଞ୍ଜୀକରଣ କରିନାହାନ୍ତି । ହେଲେ ରବିବାର ଗର୍ଭଯନ୍ତ୍ରଣା ହେବାରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ । ସେଠାରେ ପୁତ୍ର ସନ୍ତାନ ଜନ୍ମ ହେବା ପରେ ପଞ୍ଜିକୃତ ହୋଇଥିଲା । ମଙ୍ଗଳବାର ଡାକ୍ତରଖାନାରୁ ଆସିବା ପରେ ମହିଳା ଜଣକ ସାରଗାଁ ଅଞ୍ଚଳର ଜଣେ ନିଃସନ୍ତାନ ମହିଳାଙ୍କୁ ଉକ୍ତ ସନ୍ତାନ ଦେଇଥିଲେ । କୌଣସି କାରଣକୁ ନେଇ ବିବାଦ ହୋଇଥିଲା । ବିବାଦ ବଢ଼ିବା ପରେ ସ୍ଥାନୀୟ ଲୋକେ ଏନେଇ ଜାଣିବାକୁ ପାଇଥିଲେ । ନିକଟସ୍ଥ ଦୁଇ ୱାର୍ଡ଼ର ଦୁଇଜଣ କ୍ଷମତାସମ୍ପନ୍ନ ବ୍ୟକ୍ତି ମଧ୍ୟ ଏହି ଘଟଣାର ସମାଧାନ ପାଇଁ ଆଗେଇ ଆସିଥିଲେ । ହେଲେ ସମାଧାନର ସୂତ୍ର ନ ବାହାରିବାରୁ ପୁଲିସ ନିକଟରେ ଖବର ପହଞ୍ଚିଥିଲା । ପୁଲିସ ଉଭୟଙ୍କୁ ଥାନାକୁ ନେଇ ପଚରା ଉଚରା କରିଥିଲା । ଘଟଣାରେ କିଛି ସତ୍ୟତା ରହିଥିବା ଜାଣିବା ପରେ ୪ ଦିନର ଶିଶୁପୁତ୍ର ସହ ଜନ୍ମଦାତ୍ରୀ ମାଆ ଓ ନେବାକୁ ଥିବା ମହିଳାଙ୍କୁ ଜିଲା ଶିଶୁ ମଙ୍ଗଳ କମିଟିକୁ ସନ୍ଧ୍ୟାରେ ହସ୍ତାନ୍ତର କରାଯାଇଥିଲା । ଆଇନ ଅନୁସାରେ ଯଦି ସେମାନେ ଶିଶୁକୁ ନେବାକୁ ଚାହିଁବେ, ତେବେ ସେମାନେ ନେଇପାରିବେ ବୋଲି ଥାନାଧିକାରୀ କହିଛନ୍ତି ।

SBI STATE BANK OF INDIA
Local Head Office, 111/1, Pandit Jawaharlal Nehru Marg, Bhubaneswar - 751001
E-mail: agmnpa1@sbi.co.in, Ph. No.: 0674-2600541
PROPOSAL FOR EMPANELMENT OF RESOLUTION AGENTS UNDER SECURITISATION AND RECONSTRUCTION OF FINANCIAL ASSETS AND ENFORCEMENT OF SECURITY INTEREST ACT 2002 (SARFAESI ACT 2002)
State Bank of India, Local Head Office, Bhubaneswar invites application from the eligible and interested agencies for empanelment of RESOLUTION AGENTS (for action under SARFAESI ACT 2002 in the state of Odisha). The persons/agencies/ establishments which are in existing panel of the bank as Resolution agents should also submit their offer in response to this advertisement.
1. Eligibility Criteria:
i. NBFCs with good track record.
ii. Government approved auctioneers.
iii. Reputed Management Consultants (Indian and Foreign).
iv. Accounting Firms (Indian and Foreign).
v. Firms with international experience in Impaired Asset Management / Business Recovery Services.
vi. Merchant Banks (Indian and Foreign) Companies / firms set up by reputed Corporates / NBFCs for the purpose.
vii. Agencies (Proprietorship/Partnership) with good track record and experience in recovery of impaired assets.
viii. An individual (engagement will be done on selective basis based on business considerations).
2. All applicants (individuals/proprietors/partners/directors of the Firm/Company) along with their employees must have completed 100 hours of training and to submit IIBF certificate as stipulated for Resolution/Recovery Agents.
3. Applicants to submit police verification reports of self and their employees engaged in resolution / recovery.
Request for relaxation of timeline for submission of application form will not be entertained.
In case of exigencies selection process may be changed at any point of time at the discretion of the bank. Bank reserves the right to empanel any person / agency at its discretion. Bank also has the right to empanel or reject any offer without assigning any reason whatsoever thereof.
Interested persons/parties/establishment satisfying the eligibility criteria mentioned above may submit their offer to **The Deputy General Manager & CCO, State Bank of India, Local Head Office, 111/1, Pt. J N Marg, Bhubaneswar-751001** from **15.02.2024** to **22.02.2024** and final date of submission of application is **22.02.2024.** The Prescribed application form can be collected from respective Zonal offices located at Bhubaneswar, Balasore, Sambalpur and Berhampur. The application form and details of terms and conditions are also available at our bank's website: **https://bank.sbi -> SBI in The News -> Show More -> Empanelment of Vendors.**
Asst. General Manager (NPAM)